# OFFICE OF THE TAHASILDAR, BIJATALA, MAYURBHANJ

# ତହସିଲଦାରଙ୍କ କାର୍ଯ୍ୟାଳୟ, ବିଜାତଳା, ମୟୂରଭଞ୍ଜ

**Notice No. 2443 // Dt. 16.11.2021**

ନୋଟିସ ସଂଖ୍ୟା. ୨୪୪୩ // ତାରିଖ. ୧୬.୧୧.୨୦୨୧

**Publication of auction sale of Sairat Source for long term lease**

**ସୈରାତ ଉତ୍ସର ଦୀର୍ଘ ମିଆଦି ସୂତ୍ରେ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଓଡିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ (OMMC Rules 2016) ନିୟମାନୁଯାୟୀ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ମୟୂରଭଞ୍ଜ ଜିଲ୍ଲା ବିଜାତଳା ତହସିଲ ଅନ୍ତର୍ଗତ ବଡଝରଣ ସୈରାତ ଉତ୍ସ (ପଥର ଖାଦାନ) ଆସନ୍ତା (୫) ପାଞ୍ଚ ବର୍ଷ ନିମନ୍ତେ ଲିଜ୍ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର, ବିଜାତଳାଙ୍କ ଦ୍ୱାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules 2016 ର Form M (3 Copies) ପୂରଣ କରି, ନିମ୍ନଲିଖିତ ଦସ୍ତାବିଜ୍ ସଂଲଗ୍ନ କରି ଜଉମୁଦ ଦିଆଯାଇଥିବା (Sealed Cover) ଲଫାପାରେ ଆବେଦନ କରୁଥିବା ଉତ୍ସର ନାମ ଓ ସୈରାତ ମାମଲା ସଂଖ୍ୟା ଉଲ୍ଲେଖ କରି ଉକ୍ତ କାର୍ଯ୍ୟାଳୟରେ ଥିବା ଜଉମୁଦଯୁକ୍ତ ନିଲାମ ବାକ୍ସରେ ତା ୧୬.୧୧.୨୦୨୧ ରିଖରୁ ତା ୧୦.୧୨.୨୦୨୧ ରିଖ ଅପରାହ୍ନ ୦୫.୦୦ ଘଟିକା ପର୍ଯ୍ୟନ୍ତ ଦାଖଲ କରିପାରିବେ । ଧାର୍ଯ୍ୟ ତାରିଖ/ସମୟ ଅତିକ୍ରାନ୍ତେ କୌଣସି ଆବେଦନ ଗ୍ରହଣୀୟ ହେବନାହିଁ । ତା ୧୪.୧୨.୨୦୨୧ ରିଖ ୧୧.୦୦ ଘଟିକା ସମୟରେ (ଉପସ୍ଥିତ ଥିବା) ଲିଜ୍ ଆବେଦନକାରୀ/ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡିକ ତନଖି କରାଯିବ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ନାକଚ କରାଯିବ ।

## ଆବଶ୍ୟକୀୟ ଦସ୍ତାବିଜ୍

| | |
|---|---|
| ୧ | ଦରଖାସ୍ତ ଫି ବାବଦକୁ ଟ. ୧୦୦୦/- (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ (Head of Account- 0853 – Non-Ferrous Mining and Metallurgical Industries -102- Miner Concession fees Rents and Royalties) ରେ ଜମା କରି ଚାଲାଣ ଦାଖଲ କରିବାକୁ ହେବ । ଉକ୍ତ ଫି ଫେରସ୍ତ ହେବନାହିଁ । |
| ୨ | ଦରଖାସ୍ତକାରୀଙ୍କ ପାନ କାର୍ଡ ଏବଂ ଆଧାର କାର୍ଡ /ଭୋଟ ପରିଚୟ ପତ୍ର କିମ୍ବା ସମ୍ପୂର୍ଣ୍ଣ ଠିକଣା ଥିବା ପ୍ରମାଣ ପତ୍ର ଦାଖଲ କରିବେ । |
| ୩ | ଆବେଦନକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ । |
| ୪ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟିର ସମପରିମାଣ ମୂଲ୍ୟର ୧୮ ମାସ ବୈଧତା ଥିବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) କିମ୍ବା ୧୮ ମାସ ପର୍ଯ୍ୟନ୍ତ ବୈଧ ଥିବା ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ ଶୋଧ କ୍ଷମତା ପ୍ରମାଣପତ୍ର (Solvency Certificate) ଆବେଦନ ସହିତ ଦାଖଲ କରିବାକୁ ହେବ ।<br>Bank Guarantee = (MGQ of the Quarry for 01 year ) * (offered Additional charge + Royalty ) |
| ୫ | ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ସ୍ଥାବର ସମ୍ପତ୍ତି (Immovable Property) ର ତାଲିକା । |
| ୬ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା ୫% ଅଗ୍ରୀମ ଧନ ଜମା (Earnest Money Deposit) ନିମନ୍ତେ ତହସିଲଦାରଙ୍କ ନାମରେ ଚଳବନ୍ଧକୃତ ବା Pledged Bank Draft ।<br>**[EMD (Earnest Money Deposit) = 5% x {(MGQ of the Quarry for 1st year) x (Additional Charge+ Royalty)}]** |

ବି. ଦ୍ର. – ଉପରୋକ୍ତ ନିୟମାବଳୀ ଓ ଦସ୍ତାବିଜ ନଥିଲେ କିମ୍ବା କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆବେଦନକାରୀଙ୍କର ଆବେଦନଟିକୁ ନିଲାମ ପ୍ରକ୍ରିୟାରୁ ବାଦ ଦିଆଯିବ ।

# ସର୍ତ୍ତାବଳୀ

| | |
|---|---|
| ୧. | ଆବେଦନକାରୀମାନେ OMC Rules, 2016 & Amendment Rules there after ର ପରିସରଭୁକ୍ତ ରହିବେ ଏବଂ ତତସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ । |
| ୨. | ଲିଜପାଇଁ ଆବେଦନ କରିବା ପୂର୍ବରୁ ଇଚ୍ଛୁକ ବ୍ୟକ୍ତି ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ ରେ ଭାଗ ନେବେ । |
| ୩. | ଲିଜ ନେବା ପରେ ସଇରାତ ଚଳାଇବା କିମ୍ବା ରାସ୍ତା ଦେଖେଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହି ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହି । |
| ୪ | ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନୀଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୦୧ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ (Draw of lots) ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । |
| ୫ | ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ଦ୍ରବ୍ୟର ପରିମାଣ (MGQ) ସହିତ ତାଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ସହିତ ପଥର ରୟାଲଟି ଏବଂ ବାର୍ଷିକ MGQ ପାଇଁ ଧାର୍ଯ୍ୟ DMF (Contribution payable to DMF ଗୁଣନ କରି ସମ୍ପୃକ୍ତ ରାଶିର ୨୫% ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ ଦେଇ ଏକତ୍ର କରି ଅମାନତ ରାଶି (Security Deposit)ଭାବରେ ଦାଖଲ କରିବେ । ଏହି ଅମାନତ ରାଶି ବିନା ସୁଧ(Interest Free) ରେ ରଖାଯିବ । ଯଦି ମନୋନୀତ ଆବଦେନକାରୀ ୧୫ ଦିନ ମଧ୍ଯରେ ସମ୍ମତି ସହିତ ଉପରୋକ୍ତ ରାଶି ଜମା ନ କରନ୍ତି, ତେବେ ତାଙ୍କର EMD ବାବଦକୁ ଜମା ଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ ଏବଂ ଦ୍ଵିତୀୟ ସର୍ବାଧିକ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଦର୍ଶାଇବା ଦରଖାସ୍ତକାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲା ପରେ ଅକୃତ କାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଇଥିବା Earnest Money ଫେରସ୍ତ କରାଯିବ । |
| ୬ | ଆବେଦନକାରୀ ଦରଖାସ୍ତ ରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ Mining Plan ରେ ଦର୍ଶାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଅନୁଯାୟୀ ବାର୍ଷିକ ସମସ୍ତ ଟଙ୍କା ଲିଜଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ । ଏହା ବ୍ୟତୀତ ଆବେଦନକାରୀ ବା ଲିଜଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟର ଶତକଡା ୫% ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପଇଠ କରିବା ସହିତ ସରକାରଙ୍କ ଦ୍ଵାରା ନିର୍ଦ୍ଧାରିତ District Mineral Foundation ବାବଦକୁ ଶତକଡା ୧୦ ଭାଗ ଅର୍ଥ ଜମା କରିବାକୁ ପଡିବ । ସେହିଭଳି ଲିଜଧାରୀଙ୍କୁ ଆଗାମୀ ୦୭ ଦିନ ମଧ୍ୟରେ ପ୍ରଥମ ବର୍ଷର ପରିମାଣ ଅନୁଯାୟୀ (ନିମ୍ନରେ ପ୍ରଦତ୍ତ ସୂଚୀ ଅନୁସାରେ ) ବକେୟା ଥିବା ଅତିରିକ୍ତ ଦେୟ ତଥା ରୟାଲଟିର ମୂଲ୍ୟ ଜମା କରିବାକୁ ପଡିବ । ଲିଜଧାରୀ ବକେୟା ଥିବା ମୂଲ୍ୟ ଜମା କରିବା ପରେ ନିଜ ଖର୍ଚ୍ଚରେ ଲିଜ Agreement ବା ଚୁକ୍ତି (ରେଜିଷ୍ଟ୍ରେସନ ଆକ୍ଟ – ୧୯୦୮ ଓ ଷ୍ଟାମ୍ପ ଆକ୍ଟ -୧୮୯୯ ଅନୁଯାୟୀ) ସମ୍ପାଦନ କରିବେ । ଯଦି ନିୟୋଜିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି, ତେବେ ତାଙ୍କର EMD ଓ ଜମା କରିଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ । ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ପ୍ରତ୍ୟେକ ବର୍ଷ ଲିଜ ଚୁକ୍ତି (Lease Agreement) ର ଦିନ ଶେଷ ହେବାର ୦୨ ମାସ ପୂର୍ବରୁ ଦେୟ ପଇଠ କରିବେ । |
| ୭ | ଯଦି ସର୍ବୋଚ୍ଚ Additional Charge ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ଵିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ । |
| ୮ | ଯଦି ଦ୍ଵିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କନ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଅତିକ୍ରମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଦ କରାଯାଇ (Controlling Authority)ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ । |

| | |
|---|---|
| ୯ | ଲିଜଧାରୀଙ୍କ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲଟି & ଅତିରିକ୍ତ ଦେୟ ସହିତ Dead Rent ଏବଂ Surface Rent ଦାଖଲ କରିବାକୁ ପଡିବ । ଲିଜଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲଟି/Dead Rent ଓ ଅନ୍ୟାନ୍ୟ ଦେୟର ଧାର୍ଯ୍ୟ ମୂଲ୍ୟ ଜମାକରିବାକୁ ପଡିବ । ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଇଦିଆଯାଇଥିବା ସର୍ବନିମ୍ନ ପରିମାଣ ନୋଟିସରେ ଦର୍ଶାଇଥିବା ପରିମାଣ ସହିତ ସମାନ କିମ୍ବା ଅଧିକା ହୋଇପାରେ । ତେଣୁ ଦିଆଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ମୁତାବକ ସମସ୍ତ ଦେୟ ରୟାଲଟି DMF ଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ । |
| ୧୦ | ଲିଜଧାରୀ ବାର୍ଷିକ ନିଲାମ ମୂଲ୍ୟରେ ୨% (ଶତକଡା ଦୁଇ ) ଆୟକର ଓ ସମୟାନୁକ୍ରମେ ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା ଅନ୍ୟାନ୍ୟ ସରକାରୀ ଦେୟ ପ୍ରତ୍ୟେକ ବର୍ଷ ଜମା କରିବା ପାଇଁ ପଡିବ । |
| ୧୧ | ମନୋନୀତ ଆବେଦନକାରୀ Mining Plan ତଥା Environment Clearance ବାବଦରେ ଖର୍ଚ୍ଚ ହୋଇଥିବା ଟଙ୍କା ଦେବାକୁ ପଡିବ । ଏହା ସହିତ ଲିଜଧାରୀମାନେ ବିଜ୍ଞାପନ ଖର୍ଚ୍ଚ ଆନୁପାତିକ ଭାବରେ ବହନ କରିବେ । |
| ୧୨ | ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କର ଅଧିକୃତ ପ୍ରତିନିଧି ଅନୁପସ୍ଥିତି ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବନାହି । |
| ୧୩ | ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନ ଅନୁଯାୟୀ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହି । |
| ୧୪ | ନିଲାମଧାରୀ OMMC Rule- 2016 ରେ ନିୟମ – 33 (1-29 )ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ । ଲିଜଧାରୀ ନିର୍ଦ୍ଧାରିତ ନିୟମର ଉଲ୍ଲଂଘନ କଲେ ଜମା ହୋଇଥିବା ସିକ୍ୟୁରିଟି ରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି । ଏହା ବ୍ୟତୀତ OMMC Rule – 2016 ଅନୁସାରେ ମଧ ଦଣ୍ଡିତ ହେବେ । |
| ୧୫ | ନିଲାମଧାରୀ ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହି, ତଥା କୌଣସି ଭାରି ଯାନ ଯେପରିକି, ହାଇୱା ଇତ୍ୟାଦି ବ୍ୟବହାର କରିପାରିବେ ନାହି । Vehicles to be used as approved in the Mining Plan |
| ୧୬ | ଲିଜଧାରୀ Mines Act -1952 ଏବଂ Explosive Act -1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀରେ ଅନ୍ତର୍ଭୁକ୍ତ ରହିବେ । |
| ୧୭ | ସର୍ବୋଚ୍ଚ ନିଲାମଧାରୀ ପଥର ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ଓଡିଶା ପ୍ରଦୂଷଣ ବୋର୍ଡ (Odisha Pollution Control Board)ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ । |
| ୧୮ | ସୂଚନା ଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ । |
| ୧୯ | ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ । |
| ୨୦ | କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ । |
| ୨୧ | ପଥର ଖାଦାନକୁ ଲାଗିଥିବା ରାସ୍ତା ଓ ତାର ଚାରିପାଖର ରକ୍ଷଣ ବେକ୍ଷଣ ଦାୟିତ୍ୱ ନିଲାମଧାରୀ ନେବେ ଏବଂ ପ୍ରତ୍ୟେକ ବର୍ଷ ତାହାର ମରାମତି କରିବେ । |
| ୨୨ | **ଏହି ସମସ୍ତ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ - ୨୦୧୬ ଓ ଓଡିଶା ଓଡିଶା ଖଣିଜ ଲଘୁ ଦ୍ରବ୍ୟ ରିହାତି (ସଂଶୋଧିତ ) ଆଇନ -୨୦୧୭ ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଜମା ଦେଇ ଲିଜ ପାଇଁ ଚୁକ୍ତି ପତ୍ର ସମ୍ପାଦନ କରିବାକୁ ହେବ ।** |

**କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।**

**<u>ଗୁରୁତ୍ୱପୂର୍ଣ୍ଣ ତାରିଖ</u>**

୧ ଦରଖାସ୍ତ ପକାଇବାର ଶେଷ ତାରିଖ – ତା ୧୦.୧୨.୨୦୨୧ ରିଖ ଅପରାହ୍ନ୦୫.୦୦ ଘଟିକା ସୁଦ୍ଧା ।

୨ ଟେଣ୍ଡର ବାକ୍ସ ଖୋଲିବାର ତାରିଖ – ତା ୧୪.୧୨.୨୦୨୧ ରିଖ ଦିବା ୧୧.୦୦ ଘଟିକା ।

୩ କୌଣସି କାରଣ ବଶତଃ ତା ୧୪.୧୨.୨୦୨୧ ରିଖରେ ଖୋଲା ହୋଇ ନପାରିଲେ ପରବର୍ତ୍ତୀ ତାରିଖ ତା ୧୫.୧୨.୨୦୨୧ ରିଖ ଦିବା ୧୧.୦୦ ଘଟିକା ସମୟରେ ଟେଣ୍ଡର ବାକ୍ସ ଖୋଲା ହେବ ।

ତହସିଲଦାର, ବିଜାତଳା

TAHASILDAR BIJATALA

ଜ୍ଞାପନ ସଂଖ୍ୟା ୨୪୪୪ / ତା ୧୬.୧୧.୨୦୨୧

ଏହାର ଏକାକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ ଓ ଉପଜିଲ୍ଲାପାଳ, ବାମନଘାଟିଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବିଜାତଳା

TAHASILDAR BIJATALA

ଜ୍ଞାପନ ସଂଖ୍ୟା - ୨୪୪୫/ ତା ୧୬.୧୧.୨୦୨୧

ଏହାର ଏକାକିତା ନକଲ ବାମନଘାଟି ଉପଖଣ୍ଡ ଅଧିନସ୍ଥ ସମସ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ଏବଂ ତହସିଲଦାର ବିଜାତଳା /ବିଶୋଇ/କୁସୁମୀ , ବାଦାମପାହାଡ଼ /ରାଇରଙ୍ଗପୁର/ ଯାମଦା /ବହଳଦା/ତିରିଙ୍ଗ, ସମ୍ପୃକ୍ତ ଅଞ୍ଚଳର ଗ୍ରା.ପ. କାର୍ଯ୍ୟନିର୍ବାହୀ/ ସମ୍ପୃକ୍ତ ଥାନା ଅଧିକାରୀଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡ ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବିଜାତଳା

TAHASILDAR BIJATALA

ଜ୍ଞାପନ ସଂଖ୍ୟା - ୨୪୪୬/ ତା ୧୬.୧୧.୨୦୨୧

ଏହାର ଏକାକିତା ନକଲ ବିଜାତଳା ତହସିଲ ଅଧୀନରେ ଥିବା ରାଜସ୍ୱ ପରିଦର୍ଶକ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ନିଜ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ପ୍ରକାଶ କରିବା ଓ ଏହାର ବହୁଳ ପ୍ରଚାର, ପ୍ରସାର ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ତହସିଲଦାର, ବିଜାତଳା

TAHASILDAR BIJATALA

ଜ୍ଞାପନ ସଂଖ୍ୟା - ୨୪୪୭/ ତା ୧୬.୧୧.୨୦୨୧

ଏହାର ଏକାକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ , ମୟୂରଭଞ୍ଜଙ୍କୁ ଜିଲ୍ଲା website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବିଜାତଳା

TAHASILDAR BIJATALA

## ଲିଜ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବାରିଣୀ ।

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ ଏବଂ କେଶ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ରକବା | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ପଥର ଉଠାଇବାର ପରିମାଣ cum (ପ୍ରଥମ ବର୍ଷ ପାଇଁ ) | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ବଡଝରଣ | ବଡଝରଣ ପଥର ଉତ୍ସ | ୧୮୪ | ୯୫୮<br>୯୫୯<br>୯୬୦ | ୦.୬୨ ଏକର<br>୦.୨୫ ଏକର<br>୦.୪୪ ଏକର<br>ମୋଟ ୧.୩୧ ଏକର | Rs. ୧୩୦/- +<br>Rs.୩୦/-<br>= Rs. ୧୬୦/- | ୫୦୨୪<br>Cum | |

ତହସିଲଦାର, ବିଜାଟଳା

TAHASILDAR
BIJATALA